# ଫିନେଷ୍ଟା ପକ୍ଷରୁ ଭୁବନେଶ୍ୱରରେ ନୂତନ ସୋ'ରୁମର ଶୁଭାରମ୍ଭ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୨୫।୩: ଭାରତର ଅଗ୍ରଣୀ ଝରକା ଏବଂ କବାଟ ବ୍ରାଣ୍ଡ, ଫିନେଷ୍ଟା ପକ୍ଷରୁ ଭୁବନେଶ୍ୱରରେ ଏହାର ଅନ୍ୟ ଏକ ନୂତନ ସୋରୁମର ଶୁଭାରମ୍ଭ କରାଯାଇଛି । ଏହି ଅତ୍ୟାଧୁନିକ ସୋରୁମଟି ଭୁବନେଶ୍ୱରର ସହିଦ ନଗର, ଅର୍ବାନ ଲାଇଭ, ୨୦୮ରେ ଅବସ୍ଥିତ । ଭୁବନେଶ୍ୱରର ଏହି ଫିନେଷ୍ଟା ସୋରୁମରେ ବିଭିନ୍ନ ରେଞ୍ଜର ଝରକା, କବାଟ ତାହା ପୁଣି ବିଭିନ୍ନ ଡିଜାଇନ ଏବଂ ରଙ୍ଗରେ ଉପଲବ୍ଧ । ଏହି ସମ୍ପର୍କରେ ଫିନେଷ୍ଟା ପକ୍ଷରୁ ଏହାର ବ୍ୟବସାୟିକ ମୁଖ୍ୟ, ଶ୍ରୀଯୁକ୍ତ ସକେତ ଜୈନ କହିଛନ୍ତି 'ଫିନେଷ୍ଟାର ରଣନୀତି ଦୁଇଟି ମୁଖ୍ୟ ଦୃଷ୍ଟିକୋଣ ଯେପରିକି ଗ୍ରାହକଙ୍କ ଇଚ୍ଛାକୁ ସମ୍ମାନ ଏବଂ ଅଧିକରୁ ଅଧିକ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ଉପରେ ଆଧାରିତ । ଏହି କାରଣ ସୋରୁମର ଶୁଭାରମ୍ଭକୁ ଏବଂ ୭୦୦ରୁ ଅଧିକ ଡିଜାଇନ ସହିତ ଆକର୍ଷଣୀୟ ଶୃଙ୍ଖଳାର ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରିପାରିଛି । କଳା ଏବଂ ବିଜ୍ଞାନର ମିଶ୍ରଣରେ ଆମ୍ଭମାନଙ୍କର ଉତ୍ପାଦ ଗୁଡିକ ଗ୍ରାହକମାନଙ୍କ ଆବଶ୍ୟକତା ଏବଂ ପରିବେଶ ଭିତ୍ତିକ ଉତ୍ପାଦ ତଥା ଶବ୍ଦ, ବର୍ଷା, ଧୂଳି ଏବଂ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ବୃହତ୍ତ ବ୍ୟବସାୟିକ ରଣନୀତି, ବିଭିନ୍ନ ଉତ୍ପାଦ ଏବଂ ଦ୍ରୁତ ରିଟେଲ ସମ୍ପ୍ରସାରଣର ମିଶ୍ରଣ ସହିତ ଟିଆର ୨ ଏବଂ ୩ ବଜାର ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ସାହାଯ୍ୟ କରିବ' । ଏହି ସୋରୁମର ଶୁଭାରମ୍ଭ ସହିତ ୨୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆମର ଉପସ୍ଥିତି ରହିଥିବାବେଳେ ଡିସେମ୍ବର ୨୦୨୦ ସୁଦ୍ଧା ଆମ୍ଭମାନଙ୍କର ଉପସ୍ଥିତିକୁ ସମସ୍ତ ରାଜ୍ୟରେ ସମ୍ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରଖିଛୁ । ଭାରତରେ ୟୁପିଭିସି ଝରକା ଏବଂ କବାଟ ଉଦ୍ୟୋଗରେ କ୍ରମାଗତ ବୃଦ୍ଧି ହେତୁ ଏହି ବ୍ରାଣ୍ଡ ଭବିଷ୍ୟତରେ ଏହାର ବଜାର ଅଂଶକୁ ବୃଦ୍ଧି କରିବା ସହିତ ଏକ ଅଗ୍ରଣୀ ସ୍ଥାନକୁ ପରିଚାଳନା କରିପାରିବ ।